# ସତର୍କ ପରିବାର



## ଆର୍ଥିକ ସଚେତନତା ଉପରେ ଏକ ପୁସ୍ତିକା

ଉପଭୋକ୍ତା ଶିକ୍ଷଣ ଏବଂ ସଂରକ୍ଷଣ ବିଭାଗ
ଭାରତୀୟ ରିଜର୍ଭ ବ୍ୟାଙ୍କ

भारतीय रिज़र्व बैंक

RESERVE BANK OF INDIA

https://cms.rbi.org.in/

# ମୁଖବନ୍ଧ

ଉପଭୋକ୍ତା ସଚେତନତା ଅଭିଯାନର ଏକ ଅଂଶ ଭାବରେ ରିଜର୍ଭ ବ୍ୟାଙ୍କ ''ସାଇବର ଠକେଇକୁ ନେଇ'' ମାର୍ଚ୍ଚ ୨୦୨୨ରେ 'ବିଆୱେର୍' ଓ ଡିସେମ୍ବର ୨୦୨୨ରେ 'ରାଜୁ ଆଣ୍ଡ ଦ ଫର୍ଟି ଥିଭସ୍' ନାମକ ଦୁଇଟି ପୁସ୍ତିକା ଉନ୍ମୋଚନ କରିଥିଲା । ଏହି ପୁସ୍ତିକାଗୁଡ଼ିକ ଠକେଇର କାର୍ଯ୍ୟପ୍ରଣାଳୀ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଆର୍ଥିକ କାରବାର କରିବା ସମୟରେ ସତର୍କତା ଅବଲମ୍ବନ କରିବା ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥାଏ। ଏହି ପୁସ୍ତିକାଗୁଡ଼ିକ ଜନସାଧାରଣ ଏବଂ ଅନ୍ୟ ଅଂଶୀଦାରଙ୍କ ଠାରୁ ସକାରାତ୍ମକ ପ୍ରତିକ୍ରିୟା ପାଇଥିଲା ।

ବର୍ତ୍ତମାନର ପୁସ୍ତକ 'ଦ ଆଲର୍ଟ ଫ୍ୟାମିଲି' ଏହି ଶୃଙ୍ଖଳାର ପରବର୍ତ୍ତୀ ପର୍ଯ୍ୟାୟରେ ରହିଛି ଏବଂ ଏଥିରେ ରାଜୁ, ତାଙ୍କ ପରିବାର ଏବଂ ସାଙ୍ଗମାନଙ୍କର ଆର୍ଥିକ ସଚେତନତାର ସ୍ତରକୁ ଏକ ସଚିତ୍ର ଆକାରରେ ଦର୍ଶାଯାଇଛି । ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଓ ସୁବିଧା ସହ କାରବାର କରିବା ସମୟରେ ଜନସାଧାରଣଙ୍କୁ ମାର୍ଗଦର୍ଶନ ଯୋଗାଇବା ପାଇଁ ଆର୍ଥିକ ଠକେଇଠାରୁ ଆଗକୁ ଯାଇ ଏହି ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପୁସ୍ତିକାରେ ଜନସାଧାରଣଙ୍କ ସହଜରେ ବୁଝିବା ପାଇଁ ରିଜର୍ଭ ବ୍ୟାଙ୍କର ସମ୍ପୃକ୍ତ ନିର୍ଦ୍ଦେଶାବଳୀ ମଧ୍ୟ ସ୍ପଷ୍ଟ ଭାବରେ ପ୍ରଦାନ କରାଯାଇଛି । ପ୍ରତ୍ୟେକ କାହାଣୀ ଶେଷରେ QR କୋଡ୍ ମାଧ୍ୟମରେ ପ୍ରତ୍ୟେକ ବିଷୟଉପରେ ମାର୍ଗଦର୍ଶିକା / ନିର୍ଦ୍ଦେଶାବଳୀର ଲିଙ୍କ୍ ପ୍ରଦାନ କରାଯାଇଛି ।

ମହାତ୍ମା ଗାନ୍ଧୀଙ୍କ ମାର୍ଗଦର୍ଶକ ନୀତି ଆଧାରରେ ଏହି ପୁସ୍ତିକାଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା, ''ଆମ ପରିସରରେ ଜଣେ ଗ୍ରାହକ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅତିଥି। ସେ ଆମ ଉପରେ ନିର୍ଭରଶୀଳ ନୁହଁନ୍ତି। ଆମେ ତାଙ୍କ ଉପରେ ନିର୍ଭରଶୀଳ। ସେ ଆମ କାମରେ ବାଧା ସୃଷ୍ଟି କରନ୍ତି ନାହିଁ, ସେ ହିଁ ଏହାର ଉଦ୍ଦେଶ୍ୟ। ଆମେ ତାଙ୍କ ସେବା କରି ଉପକାର କରୁନାହୁଁ। ସେ ଆମକୁ ତାଙ୍କ ସେବା କରିବାର ସୁଯୋଗ ଦେଇ ଆମ ଉପରେ ଉପକାର କରୁଛନ୍ତି।''

ଏହି ପୁସ୍ତକ ପ୍ରସ୍ତୁତିରେ ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ୍ ଜେନେରାଲ ମ୍ୟାନେଜର ତଥା ରିଜର୍ଭ ବ୍ୟାଙ୍କ ଲୋକପାଳ ଡ.ସୁଶାନ୍ତ କୁମାର କରଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ - ୨, ମହାରାଷ୍ଟ୍ର ଏବଂ ଗୋଆ ଟିମ୍‌ର ମୂଲ୍ୟବାନ ଅବଦାନକୁ ଆରବିଆଇ ଲୋକପାଳ କୃତଜ୍ଞତାର ସହ ସ୍ୱୀକାର କରିଛନ୍ତି ।

ପାଠକମାନଙ୍କୁ cgmcepd@rbi.org.inରେ ସେମାନଙ୍କର ମତାମତ / ପରାମର୍ଶ ପ୍ରଦାନ କରିବାକୁ ଉତ୍ସାହିତ କରାଯାଉଛି।

ସଚେତନ ହୁଅନ୍ତୁ! ସତର୍କ ରୁହନ୍ତୁ!

ସତର୍କ ରୁହନ୍ତୁ

ରାଜୁ ଏବଂ ଚାଳିଶ ଚୋର

# ସୂଚୀପତ୍ର


| କ୍ରମ ସଂଖ୍ୟା | ବିଷୟ ର ନାମ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ଫ୍ଲୋଟିଂ ରେଟ୍ ଋଣ | 1 |
| ୨ | ଗୃହ ଋଣ ପାଇଁ ଫୋରକ୍ଲୋଜର ଶୁଳ୍କ | 3 |
| ୩ | ଆଞ୍ଚଳିକ ଭାଷାରେ ଋଣ ରାଜିନାମା | 5 |
| ୪ | ମାଗଣା କ୍ରେଡିଟ୍ କାର୍ଡ | 7 |
| ୫ | କ୍ରେଡିଟ୍ କାର୍ଡ ସକ୍ରିୟ/ବନ୍ଦ କରିବା | 9 |
| ୬ | ରିକଭରି ଏଜେଣ୍ଟ | 11 |
| ୭ | କ୍ରେଡିଟ୍ ସୂଚନା ରିପୋର୍ଟ | 13 |
| ୮ | ଗ୍ରାହକଙ୍କ ଦାୟିତ୍ୱ କିପରି ସୀମିତ ହେବ | 15 |
| ୯ | ଭୁଲ୍ ହିତାଧିକାରୀଙ୍କୁ ପାଣ୍ଠି ସ୍ଥାନାନ୍ତର (ଆକାଉଣ୍ଟ ନମ୍ବର) | 17 |
| ୧୦ | ବିଫଳ କାରବାର ପାଇଁ କ୍ଷତିପୂରଣ | 19 |
| ୧୧ | ପଜିଟିଭ୍ ପେ ସିଷ୍ଟମ୍ | 21 |
| ୧୨ | UPI123 Pay | 23 |
| ୧୩ | ମୂଳ ସଞ୍ଚୟ ବ୍ୟାଙ୍କ ଜମା ଖାତା | 25 |
| ୧୪ | ନାବାଳକଙ୍କ ବ୍ୟାଙ୍କ ଆକାଉଣ୍ଟ | 27 |
| ୧୫ | ବ୍ୟାଙ୍କ ଜମା ର ବୀମା | 29 |
| ୧୬ | ଅଚଳ ଆକାଉଣ୍ଟ ଏବଂ ଅଣଦାବି ଜମା | 31 |
| ୧୭ | ଡୋର୍ ଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା | 33 |
| ୧୮ | କାର୍ଡ଼ ଟୋକେନାଇଜେସନ୍ | 35 |
| ୧୯ | କାର୍ଡ ନିୟନ୍ତ୍ରଣ ଏବଂ ସୀମା | 37 |
| ୨୦ | ଏଟିଏମ୍ ପିନ୍ ରେ ନିୟମିତ ପରିବର୍ତ୍ତନ | 39 |
| ୨୧ | ନାମାଙ୍କନ ସୁବିଧା | 41 |
| ୨୨ | ଲକର ଆବଣ୍ଟନ | 43 |
| ୨୩ | ମଇଳା ଓ ଚିରାଫଟା ନୋଟର ଅଦଳବଦଳ | 45 |
| ୨୪ | ଆରବିଆଇ ଯୋଗାଯୋଗ କେନ୍ଦ୍ରର ଟୋଲ୍ ଫ୍ରି ନମ୍ବର ୧୪୪୪୮ | 47 |
| ୨୫ | ସିଏମ୍ଏସ୍ ପୋର୍ଟାଲରେ ଅଭିଯୋଗ ଦାଖଲ | 49 |

# ଚରିତ୍ର ପରିଚୟ



ରାଜୁ



ରାଜୁଙ୍କ ବାପା:
ବିଜୟ



ରାଜୁଙ୍କ ମା’:
ଶାରଦା



ରାଜୁଙ୍କ ଭାଇ:
ବିଜୁ



ରାଜୁଙ୍କ ଭଉଣୀ:
ସଞ୍ଜୁ



ରାଜୁଙ୍କ ମାଉସୀ:
ରାଣୀ



ରାଜୁଙ୍କ ମଉସା:
ଅଜୟ



ରାଜୁଙ୍କ ଜେଜେମା:
ନାନୀ



ରାଜୁଙ୍କ ବନ୍ଧୁ:
କରଣ



ବିଜୁଙ୍କ ବନ୍ଧୁ:
ଶରଣ

# ୧ .ଫ୍ଲୋଟିଂ ରେଟ୍ ଋଣ

ଦିନେ ରାଜୁ ଏବଂ ତା' ପରିବାର ଏକ ବଡ ଘରର ଆବଶ୍ୟକତାକୁ ନେଇ ଆଲୋଚନା କରୁଥିଲେ ।

**ଶାରଦା:** "ଦିନକୁ ଦିନ ଆମ ପରିବାର ବଢୁଛି । ଏଣୁ ଆମକୁ ବଡ଼ ଘରଟିଏ ଆବଶ୍ୟକ ନା ନାହିଁ ?"

**ବିଜୟ:** "ହଁ, ଅବଶ୍ୟ ! ମୁଁ ମଧ୍ୟ ଏହା ଭାବୁଛି । ହଇରେ ପୁଅ, ତୁ କଣ କହୁଛୁ ?"

**ବିଜୁ:** "ନିଶ୍ଚୟ ବାପା । ଗୃହଋଣ ପାଇଁ ମୁଁ ଏବେ ଆବେଦନ କରିବି ।"

**ସଂଜୁ:** "ଭାଇ, ଆମର ସ୍ୱପ୍ନର ଘର ତିଆରି ଲାଗି ମୁଁ ମଧ କିଛି ଦେବି । ଏବେ ଗୃହ ଋଣ ପାଇଁ ସୁଧହାର କେତେ ରହିଛି ?"

**ବିଜୁ:** "ବର୍ତ୍ତମାନ ଏହି ଦର X% । ଭବିଷ୍ୟତରେ ଏହା ବଢ଼ିପାରେ, କମି ବି ପାରେ । କାରଣ, ଏହି ସୁଧ ଦର ସର୍ବଦା ପରିବର୍ତ୍ତନଶୀଳ ।"

**ସଂଜୁ:** "କେତେବେଳେ ଏହା ପରିବର୍ତ୍ତିତ ହେବ ?" (ଭାଇକୁ ଇଙ୍ଗିତ କରି)

**ବିଜୁ:** "ବଜାର ଦରରେ ସାମାନ୍ୟ ପରିବର୍ତ୍ତନ ହେଲେ ଋଣ କିସ୍ତି ଓ ଋଣ ପରିଶୋଧ ଅବଧିରେ ପରିବର୍ତ୍ତନ ଘଟିଥାଏ ଏବଂ ଏଥିରେ ଲାଗୁ ହେଉଥିବା ସୁଧ ଦରକୁ, ପରିବର୍ତ୍ତନଶୀଳ ସୁଧ ଦର କୁହାଯାଏ । ଏହା କମିପାରେ, ବଢ଼ିପାରେ ମଧ୍ୟ ।



**ସଂଜୁ:** "ଠିକ୍ ଅଛି । କେତେବେଳେ ଓ କିଭଳି
ବଜାର ଦରରେ ବୃଦ୍ଧି ଘଟେ ।"



**ବିଜୟ:** "ଆମ ପୁଅ (ରାଜୁ) ଏଭଳି କହିବ ଯେ
ରିଜର୍ଭ୍ ବ୍ୟାଙ୍କ୍ ସୁଧ ଦର ବୃଦ୍ଧି କରିଛି । ସେହି
ଅନୁପାତରେ ଗୃହ ଋଣ ଦର ମଧ୍ୟ ପରିବର୍ତ୍ତନ
ହେଉଛି । କିନ୍ତୁ ତାହା ସଂପୂର୍ଣ୍ଣ ରୂପେ ସତ୍ୟ ନୁହେଁ ।"



**ସଂଜୁ:** "ଓହୋ, ସତରେ ! ତାହା ହେଲେ ସୁଧ
ଦର କେମିତି ପ୍ରଭାବିତ ହୁଏ ?"

**ବିଜୟ:** "ଅନେକ ଗୁଡିଏ କାରଣ ଯେପରିକି Cost
of fund, କେଉଁ ପ୍ରକାର ଋଣ, ଋଣର ପରିଚାଳନା
ଆଦି ଅନେକ କାରଣକୁ ବିଚାର କରି ବ୍ୟାଙ୍କ୍ ମାନେ
ସୁଧ ଦର ଧାର୍ଯ୍ୟ କରିଛନ୍ତି । ଏଥିଯୋଗୁଁ ସମୟ
ସମୟରେ ସୁଧ ଦରରେ ପରିବର୍ତ୍ତନ ହୋଇଥାଏ ।"

**ସଂଜୁ:** "ସୁଧ ଦର ପରିବର୍ତ୍ତିତ ହେଲେ ବ୍ୟାଙ୍କ
ମାନେ ଋଣଗ୍ରହୀତା ମାନଙ୍କୁ ସେ ସମ୍ପର୍କରେ
ସୂଚନା ଦେଇଥାନ୍ତି କି ?"



**ଶାରଦା:** "ହଁ, ଅବଶ୍ୟ ଦେଇଥାନ୍ତି । ବ୍ୟାଙ୍କମାନେ
ସେମାନଙ୍କ ୱେବସାଇଟରେ ସୁଧ ଦର ସମ୍ପର୍କରେ
ସଦ୍ୟତମ ସୂଚନା ଦେଇଥାନ୍ତି । ତେଣୁ ଆମକୁ
ନିୟମିତ ଭାବରେ ସୁଧ ଦର ଯାଞ୍ଚ୍ କରିବା ସହ ଋଣ
ଏକାଉଣ୍ଟର ଷ୍ଟେଟମେଣ୍ଟ୍ ଆଣିବା ଆବଶ୍ୟକ ।"



**ରାଜୁ:** "ବହୁତ ବଢ଼ିଆ । ବର୍ତ୍ତମାନ ମୁଁ ଏହା
ଅନୁଭବ କରୁଛି ଯେ କାହିଁକି ସତର୍କ ପରିବାର,
ଜାଗ୍ରତ ପରିବାର କୁହାଯାଉଛି ବୋଲି ।"

କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି, ତାହା ହେଲେ
ସ୍କାନ୍ କରନ୍ତୁ https://rbi.org.in/

# ୨.ଗୃହ ଋଣର ପ୍ରାକ ପରିଶୋଧ ଶୁଳ୍କ

ଚାକିରିର ଏକ ବର୍ଷ ପୂରଣ କରିବା ପରେ, ରାଜୁ ତାଙ୍କ କମ୍ପାନୀରୁ ବାର୍ଷିକ ବୋନସ୍ ପାଇଛନ୍ତି।

**ରାଜୁ:** "ବାପା, ମୁଁ  ଏହି ଟଙ୍କା ଦେଇ ଗୃହ ଋଣ ପରିଶୋଧ କରିବାକୁ ଚିନ୍ତା କରୁଛି।"






**ରାଜୁ:** ଭାରତୀୟ  ରିଜର୍ଭ ବ୍ୟାଙ୍କ ର ନିୟମ ଅନୁଯାୟୀ,  କୌଣସି ବ୍ୟାଙ୍କ / ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଅସ୍ଥାୟୀ  ସୁଧ ହାରରେ ମିଆଦୀ ଋଣ, ବ୍ୟବସାୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ନେଇ ଥିବା ବ୍ୟକ୍ତିବିଶେଷଙ୍କ ଠାରୁ ପ୍ରାକ ପରିଶୋଧ ଶୁଳ୍କ / ସମୟ ପୂର୍ବ ପରିଶୋଧ ପାଇଁ ଜୋରିମାନା ଆଦାୟ କରିପାରିବେ ନାହିଁ।



**ବିଜୟ:** ଓଃ ! ଏହା ଏକ ବହୁତ ବଢ଼ିଆ ଖବର। ଆମେ ତୁରନ୍ତ ଆମ ବ୍ୟାଙ୍କ ସହିତ ଯୋଗାଯୋଗ କରି ଆମର ଗୃହ ଋଣର ସମୟ ପୂର୍ବ ପରିଶୋଧ ପାଇଁ ଆବେଦନ କରିବା ଉଚିତ୍। ”




ରାଜୁ ଏବଂ ବିଜୟ ବ୍ୟାଙ୍କ ଶାଖା ପରିଦର୍ଶନ କରି କୌଣସି ଅତିରିକ୍ତ ଦେୟ / ଜୋରିମାନା ବିନା ଗୃହ ଋଣ ପରିଶୋଧ କରିଦେଲେ ।



ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ ।
ଯେ କୌଣସି ଅଦ୍ୟତନ ସୂଚନା  ପାଇଁ https://rbi.org.in ପରିଦର୍ଶନ କରନ୍ତୁ ।

# ୩. ଆଞ୍ଚଳିକ ଭାଷାରେ ଋଣ ରାଜିନାମା

ଦିନେ ଶାରଦାଙ୍କ ଘରୋଇ ସହାୟିକା ଏକ ଇଂରାଜୀ ଲେଖା ଦସ୍ତାବିଜକୁ ଅନୁବାଦ କରିବାରେ ସାହାଯ୍ୟ ଲାଗି ଅନୁରୋଧ କଲା ।

**ଶାରଦା:** ଏହା ଏକ କମ୍ପାନୀର ଋଣ ରାଜିନାମା କାଗଜ ଭଳି ଲାଗୁଛି ।

**ଘରୋଇ ସହାୟିକା:** ହଁ ଦିଦି ଆପଣ ଠିକ୍ କହୁଛନ୍ତି । ଏହା ଏକ ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା XYZରୁ ଋଣ ସକାଶେ ଆଣିଥିବା ଏଗ୍ରିମେଣ୍ଟ୍ । ସେହି କମ୍ପାନୀର ଲୋକ ମାନେ ଏହି କାଗଜରେ ଦସ୍ତଖତ କରିବା ପାଇଁ ବାଧ୍ୟ କରୁଛନ୍ତି, କିନ୍ତୁ ମୁଁ ଏହି ଏଗ୍ରିମେଣ୍ଟଟିକୁ କିଛି ବୁଝିପାରୁନାହିଁ । ଆପଣ ଏହାକୁ ଅନୁବାଦ ମାଧ୍ୟମରେ ମତେ ବୁଝେଇପାରିବେ କି ?




**ଶାରଦା:** ଅବଶ୍ୟ, କିନ୍ତୁ କମ୍ପାନୀକୁ କୁହ କି ସେମାନେ ତୁମର ବୁଝିବା ଭଳି ଭାଷାରେ କାଗଜ ଦେବେ ।

**ଘରୋଇ ସହାୟିକା:** ସେହି ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ଏଭଳି କରିବେ ନାହିଁ ବୋଲି ଭାବୁଛି ।









କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୪. ମାଗଣା କ୍ରେଡିଟ୍ କାର୍ଡ

ଦିନେ ରାଜୁ ତାଙ୍କର ଜଣେ ସହକର୍ମୀ କରଣଙ୍କୁ ଭେଟିଥିଲେ, ଯିଏ ଅତ୍ୟଧିକ ଆନନ୍ଦିତ ଦେଖା ଯାଉଥିଲେ

**ରାଜୁ:** "ଆରେ !! ତୁମେ ବହୁତ ଖୁସି ଦେଖାଯାଉଛ !! କଥା କ'ଣ ବଂଧୁ ? "

**କରଣ:** "ମୁଁ ଆଜି ମୋର ଦରମା ପାଇଛି ଏବଂ ବିନା ଶୁଳ୍କ ଏବଂ ଅସୀମିତ ପୁରସ୍କାର ପଏଣ୍ଟ ସହିତ XYZ ବ୍ୟାଙ୍କରୁ ଆଜୀବନ ମାଗଣା କ୍ରେଡିଟ କାର୍ଡ ପାଇଁ ଏକ ଅଫର ମଧ୍ୟ ପାଇଛି।"




(କରଣ ତାଙ୍କ ମୋବାଇଲରେ ଆସିଥିବା ବାର୍ତ୍ତା ଦେଖାଇଲେ)






କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୫. କ୍ରେଡିଟ୍ କାର୍ଡକୁ ସଚଳ ଏବଂ ବନ୍ଦ କରିବା

ଶରଣ XYZ ବ୍ୟାଙ୍କରେ କ୍ରେଡିଟ୍ କାର୍ଡଟିଏ ପାଇଁ ଆବେଦନ କରିଛି । ହେଲେ ମାସେ ବିତିଯାଇଥିଲେ ମଧ୍ୟ କାର୍ଡ୍ ମିଳିନାହିଁ । କିନ୍ତୁ ସେ ଏକ ଷ୍ଟେଟମେଣ୍ଟ୍ ପାଇଛି, ଯେଉଁଥିରେ ବକେୟା ଦର୍ଶାଯାଇଛି । ସେଥିପାଇଁ ସେ ତା'ର ବନ୍ଧୁ ବିଜୁ ଠାରୁ ସହାୟତା ଲୋଡ଼ିଛି ।












କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୬. ରିକଭରି ଏଜେଣ୍ଟ

ରାଜୁ ତାଙ୍କ ସାଙ୍ଗକୁ ଭେଟିବାକୁ ଯାଆନ୍ତି।












ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ

# ୭. ଋଣ ସୂଚନା ରିପୋର୍ଟ୍

ବିଜୁ ABC କମ୍ପାନୀର ଜଣେ କର୍ମଚାରୀ । ତା’ ସାଙ୍ଗ ଶରଣ, ଦିନେ ବ୍ୟକ୍ତିଗତ ଋଣ ପାଇଁ ଆବେଦନ କରିବାର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ବ୍ୟାଙ୍କକୁ ଆସିଥିଲା ।

**ବିଜୁ:** “ହାଏ, କେମିତି ଆଜି ପଳେଇ ଆସିଲ ?”




**ବିଜୁ:** “ଆପଣଙ୍କୁ ଅଧିକ ସୁଧ ଦେବାକୁ ପଡିବ । କାହିଁକି ନା ଆପଣଙ୍କର XYZ ବ୍ୟାଙ୍କର ଋଣ ଖାତାରେ ଡିଫଲ୍ଟ୍ ଦେଖାଉଛି ।”






କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୮. ଗ୍ରାହକଙ୍କ ଦାୟିତ୍ୱ କିପରି ସୀମିତ ହେବ

କରଣ ରାସ୍ତାରେ ବିବ୍ରତ ହୋଇ ବୁଲୁଥିବାର ଦେଖାଗଲା ।
ସେ ଅଜାଣତରେ ରାଜୁ ପାଖ ଦେଇ  ଚାଲିଗଲେ। ରାଜୁ
ଦ୍ୱନ୍ଦ୍ୱରେ ପଡ଼ି କରଣ ନିକଟକୁ ଆସିଲେ ।



**ରାଜୁ:** "କରଣ କ'ଣ ହେଲା ? ତୁମେ  ଏତେ ବିବ୍ରତ ଦେଖା ଯାଉଛ କାହିଁକି ?

**କରଣ:** "ରାଜୁ, ୬୦,୦୦୦/- ଟଙ୍କା ମୋ କାର୍ଡରୁ
ଡେବିଟ୍ ହୋଇଛି । ନା ମୁଁ ଏହି କାରବାର କରିଥିଲି,
କିମ୍ବା ମୁଁ ମୋର କାର୍ଡ ବିବରଣୀ କାହାକୁ ଜଣାଇ ଥିଲି ।
ମୁଁ ବର୍ତ୍ତମାନ ଏହି ବାର୍ତ୍ତା (ଏସଏମଏସ) ପାଇଛି ।
ମୁଁ କଣ କରିବି ଜାଣି ପାରୁ ନାହିଁ "

**ରାଜୁ:** "ବ୍ୟସ୍ତ ହୁଅନାହିଁ କରଣ । ଯଦି ଏହା
ତୁମର  ଦୋଷ ନୁହେଁ କିମ୍ବା  ତୁମେ  ନିଜର
ଦେୟ ସମ୍ବନ୍ଧିତ ତଥ୍ୟ କାହାକୁ ଜଣାଇନାହଁ
ତେବେ ତୁମର କୌଣସି କ୍ଷତି ହେବ ନାହିଁ। "



**କରଣ:** "ଏହା  କିପରି ହେବ ରାଜୁ? ଟଙ୍କା ତ ଉଠା ସରିଛି "



**ରାଜୁ:** "ତିନୋଟି କାର୍ଯ୍ୟଦିବସ ମଧ୍ୟରେ
ବ୍ୟାଙ୍କରୁ ପ୍ରାପ୍ତ ବାର୍ତ୍ତା (ଏସଏମଏସ)ର
ଜବାବ ଦେଇ  କିମ୍ବା ଗ୍ରାହକ ସେବା କେନ୍ଦ୍ରକୁ
ଯୋଗଯୋଗ କରି କିମ୍ବା ଅନଲାଇନ୍
ଅଭିଯୋଗ ଦାଖଲ କରିବାକୁ ହେବ "

**କରଣ:** "ତୁମେ ଜଣେ ବିଜ୍ଞ ବ୍ୟକ୍ତି ରାଜୁ ! ବହୁତ
ବହୁତ  ଧନ୍ୟବାଦ ! ମୁଁ ଏହି କାରବାରକୁ ତୁରନ୍ତ
ମୋ ବ୍ୟାଙ୍କକୁ ଜଣାଇବି। "

**ରାଜୁ:** "ମୋତେ ଧନ୍ୟବାଦ ଦିଅ ନାହିଁ ।
ଭାରତୀୟ  ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି
କରାଯାଇଥିବା "ଗ୍ରାହକ ସୁରକ୍ଷା
-ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ୍
କାରବାର- ଗ୍ରାହକଙ୍କ ସୀମିତ ଦାୟିତ୍ୱ"
ଉପରେ ଜାରିକରାଯାଇଥିବା
ନିର୍ଦ୍ଦେଶାବଳୀ ପଢ଼।



ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ ।
ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in  ପରିଦର୍ଶନ କରନ୍ତୁ।

# ୯. ଭୁଲ୍ ହିତାଧିକାରୀଙ୍କୁ ପାଣ୍ଠି ହସ୍ତାନ୍ତର (ଏକାଉଣ୍ଟ ନମ୍ବର)

ବୃତ୍ତିରେ ବିଜୁ ହେଉଛନ୍ତି ଜଣେ ବ୍ୟାଙ୍କର୍ । ସେ ତାଙ୍କ ବନ୍ଧୁ ଶରଣଙ୍କ ବିବାହ ଉତ୍ସବରେ ଯୋଗ ଦେଇଥିଲେ । ଶରଣ ନିଜ ବାହାଘର ପ୍ରସ୍ତୁତି ପାଇଁ ବ୍ୟସ୍ତ ଥିଲେ ।

**ଶରଣ:** "ବିଜୁ, ଅନଲାଇନରେ ୮୯ ହଜାର ଟଙ୍କା ପଠେଇବା ପାଇଁ ମତେ ସାହାଯ୍ୟ କରିବ କି ? ଇଭେଣ୍ଟ୍ ମ୍ୟାନେଜରଙ୍କ ପାଖକୁ ଏହା ପଠେଇବାକୁ ପଡ଼ିବ ।"

(ଶରଣ ଏକ କାଗଜ ଦିଅନ୍ତି ଯେଉଁଠାରେ ଆକାଉଣ୍ଟ୍ ବିବରଣୀ ଉଲ୍ଲେଖ କରାଯାଇଥାଏ ।)



**ବିଜୁ:** "ଅବଶ୍ୟ, କିନ୍ତୁ ଏକାଉଣ୍ଟ୍ ନମ୍ବର ସ୍ପଷ୍ଟ ନୁହେଁ । ମୁଁ ଶେଷ ସଂଖ୍ୟାଟି ୫ କି ୪, ସେଇଟା ଜାଣିପାରୁନି ।"

**ଶରଣ:** "ଠିକ୍ ଅଛି । xxxxxx4 ଏହି ନମ୍ବରକୁ ପଠାନ୍ତୁ । ବ୍ୟାଙ୍କ୍ କର୍ମଚାରୀ, ଏକାଉଣ୍ଟ୍ ନମ୍ବର ଏବଂ ଏକାଉଣ୍ଟ୍ ଧାରକଂକ ନାମ ମିଳେଇ ଟଙ୍କା ପଠେଇ ଦେବେ । ଅଧିକନ୍ତୁ ତମେ ତ ଅଛ, ବ୍ୟାଙ୍କରେ ଆଉ କୌଣସି ଅସୁବିଧା ହେଲେ ଆମକୁ ସାହାଯ୍ୟ କରିଦବ, କଣ ଅଛି ।"






କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୧୦. ବିଫଳ କାରବାରର କ୍ଷତିଭରଣା

ଜଣେ କର୍ମଜୀବୀ ବ୍ୟାଙ୍କରୁ ଖୁସିରେ ଫେରୁଥିଲେ । ତାଙ୍କ ପାଖ ଦେଇ ରାଜୁର ବାପା ବିଜୟ ଯାଉଥିଲେ ।






**କର୍ମଜୀବୀ:** "କି କ୍ଷତିପୂରଣ ?"



**ବିଜୟ:** ହଁ, କ୍ଷତିପୂରଣ ମିଳିବ। ଭାରୀୟ ରିଜର୍ଭ୍ ବ୍ୟାଙ୍କ୍, ସବୁ ବ୍ୟାଙ୍କକୁ ଏହି ନିର୍ଦ୍ଦେଶ ଦେଇଛନ୍ତି ଯେ, ଏଟିଏମ୍ କାରବାର ବିଫଳ ହୋଇ ଟଙ୍କା ଡେବିଟ୍ ହେଲେ ସର୍ବାଧିକ ୫ଟି କାରବାର ଦିନ ମଧ୍ୟରେ ପଇସା ଫେରସ୍ତ ଦେବେ। ଯଦି ବ୍ୟାଙ୍କ ମାନେ ଏହା କରୁନାହାନ୍ତି, ତା'ହେଲେ ଦୈନିକ ୧୦୦ ଟଙ୍କା ହିସାବରେ କ୍ଷତିପୂରଣ ଦେବେ। ଆପଣଙ୍କ କ୍ଷେତ୍ରରେ ଦୁଇମାସ ପାଖାପାଖି ହେଇଗଲାଣି।"





**କର୍ମଜୀବୀ:** ସତରେ ଏପ୍ରକାର ସୁବିଧା ଅଛି !
ତାହା ହେଲେ ମୁଁ ତତ୍କାଳ ମୋ ବ୍ୟାଙ୍କରେ
ଅଭିଯୋଗ କରି ଦାବି କରିବି।

କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି,
ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୧୧. ପଜିଟିଭ୍ ପେ ସିଷ୍ଟମ୍

ସଞ୍ଜୁ କଲେଜରେ ଆଡମିଶନ ନେଇଛି  ଏବଂ ତାକୁ  କଲେଜ ଫି ଦେବାକୁ ପଡିବ। ତେଣୁ, ସେ ତା ମା ଶାରଦାଙ୍କ ନିକଟକୁ ଯାଇଛି ।












ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ । ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ।

# ୧୨. UPI123 Pay

ଦିନେ ଶାରଦା ଏକ ଖବରକାଗଜ ପଢୁ ଥିଲେ। ସେ ଏକ
ହେଡଲାଇନ୍ ପଢି ଆଶ୍ଚର୍ଯ୍ୟ ହୋଇଗଲେ ।

"ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) UPI 123Pay ନାମକ ୟୁନିଫାଏଡ୍
ପେମେଣ୍ଟ ଇଣ୍ଟରଫେସ୍ (UPI) ସେବା  ଫିଚର ଫୋନ୍ ପାଇଁ  ଆରମ୍ଭ କରିଛି"

**ଶାରଦା:** "ଆରେ ସଞ୍ଜୁ! ତୁ  UPI 123PAY ବିଷୟରେ ଶୁଣିଛୁ କି? "












ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ।
ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ।

# ୧୩. ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା

ବିଜୟ ତାଙ୍କ ଘରେ କିଛି କାର୍ଯ୍ୟ କରାଇବା ପାଇଁ ନିଷ୍ପତ୍ତି ନେଇ କିଛି ଶ୍ରମିକଙ୍କୁ ସେଥିପାଇଁ ନିଯୁକ୍ତ କଲେ।

**ଶ୍ରମିକ:** ନମସ୍କାର ସାର୍, କଣ୍ଟ୍ରାକ୍ଟର ସାର୍ ଆମକୁ ଏଠାକୁ ପଠାଇଥିଲେ। ଆମେ ଆଜି ଏହି ପାର୍ଶ୍ୱ କାନ୍ଥ ନିର୍ମାଣ ଏବଂ ରଙ୍ଗକାମ କରିବୁ।

**ବିଜୟ:** "ଠିକ୍ ଅଛି । କିନ୍ତୁ ତୁମେ କାହିଁକି ଏତେ ବିଳମ୍ବ କଲ ? ମୋତେ କୁହାଯାଇଥିଲା ତୁମେ ସକାଳ ୪ ଟା ପୂର୍ବରୁ ପହଞ୍ଚିବ । ଏବେତ ଦିନ 11 ଟା ବାଜି ସାରିଲାଣି ।"



**ଶ୍ରମିକ:** ସାର୍ ଆମେ ଦୁଃଖିତ। ଆମ୍ଭେମାନେ ଯେଉଁ ଗ୍ରାମରେ ବାସ କରୁ ତାହା ଏଠାରୁ ୩ ଘଣ୍ଟାର ରାସ୍ତା ଏବଂ ଆଜି ଆମ ବସ୍‌ଟି ବିଳମ୍ବରେ ଆସିଥିଲା ।

**ବିଜୟ:** "ଠିକ୍ ଅଛି! କିଛି ଅସୁବିଧା ନାହିଁ। ମୋତେ ତୁମକୁ ୧୦ ହଜାର ଟଙ୍କା ଦେବାକୁ ହେବ। ଦୟାକରି ତୁମର UPI / ଖାତା ବିବରଣୀ ମତେ ଜଣାଅ।"



**ଶ୍ରମିକ (ମୁଣ୍ଡ କୁଣ୍ଡାଇ କୁଣ୍ଡାଇ):** "ସାର୍, ଆପଣ ନଗଦ ଆକାରରେ ଦେୟ ଦେଇପାରିବେ କି ?"

**ବିଜୟ (ଦ୍ୱନ୍ଦ୍ୱରେ):** "କାହିଁକି ? ତୁମର ବ୍ୟାଙ୍କ ଆକାଉଣ୍ଟ ନାହିଁ କି ?"

**ଶ୍ରମିକ:** "ମୁଁ ସେତେ ଶିକ୍ଷିତ ନୁହେଁ ସାର୍ । ମୁଁ ଏହି ବ୍ୟାଙ୍କ କାରବାର ଜାଣି ନାହିଁ ଏବଂ ମୋର କୌଣସି ବ୍ୟାଙ୍କ ଆକାଉଣ୍ଟ ନାହିଁ ।"



**ବିଜୟ:** “ରାସ୍ତାରେ ଯିବାବେଳେ ଏହି ନଗଦ ଟଙ୍କା ନେବା ବିପଜ୍ଜନକ ନୁହେଁ କି? ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହଜ ଏବଂ ଆବଶ୍ୟକ । ତୁମେ ଯେ କୌଣସି ବ୍ୟାଙ୍କରେ ଏକ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା (BSBDA) ଖୋଲିପାରିବ।”



**ଶ୍ରମିକ:** “ସାର୍, ମୁଁ ଶୁଣିଛି ଯେ ବ୍ୟାଙ୍କିଙ୍ଗ୍ ସୁବିଧା ଲାଭ କରିବା ପାଇଁ ବ୍ୟାଙ୍କ ଶୁଳ୍କ ନେବ। ମୁଁ ସେସବୁ ସାର୍ ଦେଇ ପାରିବି ନାହିଁ।”

**ବିଜୟ:** “ନା ! ସର୍ବନିମ୍ନ ଜମାରାଶି ର କୌଣସି ଆବଶ୍ୟକତା ବିନା ବ୍ୟାଙ୍କଗୁଡିକ BSBD ଆକାଉଣ୍ଟରେ ମୌଳିକ ସୁବିଧା ପ୍ରଦାନ କରନ୍ତି । ତୁମେ ନଗଦ / ଏଟିଏମ୍ / ସିଡିଏମ୍ ମାଧ୍ୟମରେ ଯେତେ ଥର ଇଛା ଜମା କରିପାରିବ। ତୁମେ ଅନଲାଇନରେ ଟଙ୍କା ପାଇ ପାରିବ । ତୁମେ ଏଟିଏମ୍ କାର୍ଡ ମଧ୍ୟ ପାଇବ, ଏବଂ ଏହି ସମସ୍ତ ସୁବିଧା ବିନା ମୂଲ୍ୟରେ !!”



**କର୍ମୀ (ଉତ୍ସାହିତ ହୋଇ):** “ କି ବଢ଼ିଆ ସାର୍! ମୁଁ ଏସବୁ ଜାଣି ନଥିଲି । ମୁଁ ନିଶ୍ଚିତ ଭାବରେ BSBD ଖାତା ଖୋଲିବି।”

**ବିଜୟ (ହସି):** “ଲାଗୁଛି ତୁମେ କାମ ଛାଡି ତୁରନ୍ତ ବ୍ୟାଙ୍କକୁ ଯିବ !!”

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ । ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ।

# ୧୪. ନାବାଳକ ର ବ୍ୟାଙ୍କ ଆକାଉଣ୍ଟ୍

ଦିନେ ଛୋଟୁ  ନାମକ ଜଣେ 10 ବର୍ଷର ବାଳକ ତାର  ପିତା (କ୍ଷୀର ବାଲା)ଙ୍କ ସହ ବିଜୟଙ୍କ ଘରକୁ ଆସିଛି।

**ବିଜୟ:** "ଆରେ ଛୋଟୁ ! କେମିତି ଅଛୁ ?"

**ଛୋଟୁ:** "ମୁଁ ଭଲ ଅଛି ଅଙ୍କଲ ! ଧନ୍ୟବାଦ।"



**କ୍ଷୀରବାଲାଙ୍କୁ  ବିଜୟ:** "ତୁମେ  ସଂଚୟ କରିବା ପାଇଁ ଛୋଟୁ  ପାଇଁ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଛ କି ?"



**କ୍ଷୀରବାଲା (ହସନ୍ତି):** "ଏପର୍ଯ୍ୟନ୍ତ ତାର କୌଣସି ସଂଚୟ ନାହିଁ ।"

**ବିଜୟ:** "କିନ୍ତୁ ତୁମେ ତାକୁ ସଂଚୟ କରିବାର ଅଭ୍ୟାସ ଶିଖାଇବାକୁ ପଡ଼ିବ।"

**କ୍ଷୀରବାଲା:** " ତାକୁ ମାତ୍ର ଦଶ ବର୍ଷ ବୟସ ହୋଇଛି।









ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ ।
ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ।

# ୧୫. ବ୍ୟାଙ୍କଜମାର ବୀମା

ଶାରଦା ଏଇ କିଛିଦିନ ତଳେ ଚାକିରିରୁ ଅବସରରେ ନେଇଛନ୍ତି ଏବଂ ABC ବ୍ୟାଙ୍କରେ ତାଙ୍କ ପେନସନ୍ ପାଣ୍ଠି ଜମା କରିବାକୁ ଚାହୁଁଛନ୍ତି । ଏ ବିଷୟ ନେଇ ସେ ତାଙ୍କ ସାଙ୍ଗ ଡଲି ସହ କଥାବାର୍ତ୍ତା ହେଉଛନ୍ତି ।









କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି, ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୧୬. ଅଚଳ ଆକାଉଣ୍ଟ୍ ଏବଂ ଅଣଦାବି ଜମା

ଗୋଟିଏ ରବିବାର, ରାଜୁ ତାଙ୍କ କୋଠରୀ ସଫା କରୁଥିବା ବେଳେ, ସେ ୫୫,୦୦୦/- ଟଙ୍କାର ପରିପକ୍ୱତା ରାଶି ଏବଂ ପରିପକ୍ୱତା ତାରିଖ ଅକ୍ଟୋବର ୧୮, ୨୦୧୦ ସହିତ ଏକ ଫିକା ଫିକ୍ସଡ ଡିପୋଜିଟ୍ (ଏଫ୍‌ଡି) ରସିଦ ପାଇଲେ ।







**ରାଜୁ:** "ମୁଁ କେମିତି ଖୁସି ରହିପାରିବି? ବ୍ୟାଙ୍କର ନାମ ସ୍ପଷ୍ଟ ନାହିଁ ।

**ଶାରଦା:** "ଓହୋ ରାଜୁ, ତୁମ ଟଙ୍କା କୁଆଡ଼େ ଯାଇନାହିଁ । ଏହା ଏବେ ବି ତୁମ ପାଖରେ ଅଛି।

**ରାଜୁ:** "କେମିତି ମା?"



**ଶାରଦା:** ଯଦି ଜମା ରାଶି ୧୦ ବର୍ଷରୁ ଅଧିକ ସମୟ ଧରି ଦାବି ବିହୀନ ହୋଇ ରହେ, ତେବେ ବ୍ୟାଙ୍କ୍ ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପରିଚାଳିତ ଜମାକାରୀ ଶିକ୍ଷା ଓ ସଚେତନତା ପାଣ୍ଠିକୁ ଟ୍ରାନ୍ସଫର କରିବ।



**ରାଜୁ:** "କିନ୍ତୁ ମୁଁ ବ୍ୟାଙ୍କର ନାମ ବିଷୟରେ ନିଶ୍ଚିତ ନୁହେଁ!"

**ଶାରଦା:** "ଚିନ୍ତା କର ନାହିଁ! ରିଜର୍ଭ ବ୍ୟାଙ୍କ୍ ନିକଟରେ ଏକ ୱେବ୍ ପୋର୍ଟାଲ୍ ଉଦଗାମ୍ (ଅନକ୍ଲେମେଡ୍ ଡିପୋଜିଟ୍ ଗେଟ୍ ୱେ ଟୁ ଆକ୍ସେସ୍ ଇନଫରମେସନ୍) ଆରମ୍ଭ କରିଛି ଯାହା ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ଏକାଧିକ ବ୍ୟାଙ୍କରେ ଅଣଦାବି ଜମା ଖୋଜିବାରେ ସାହାଯ୍ୟ କରେ । ଆପଣ ଆପଣଙ୍କ ଜମା ସନ୍ଧାନ କରିପାରିବେ ଏବଂ ସମ୍ପୃକ୍ତ ବ୍ୟାଙ୍କ୍‌କୁ ଯାଇ ଆପଣଙ୍କ ଜମା ଦାବି କରିପାରିବେ । ଏହା ସହ ମନେ ରଖନ୍ତୁ ଯେ ବ୍ୟାଙ୍କ୍‌ଗୁଡ଼ିକ ନିଜ ନିଜ ୱେବସାଇଟରେ ଏଭଳି ଅଣଦାବି ଜମା/ ନିଷ୍କ୍ରିୟ ଆକାଉଣ୍ଟର ଏକ ତାଲିକା ପ୍ରଦର୍ଶିତ କରିବା ଆବଶ୍ୟକ ଯାହା ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ନିଷ୍କ୍ରିୟ ରହିଛି।



**ରାଜୁ:** "ଏହା ସହଜ! ମୁହୂର୍ତ୍ତେ ପାଇଁ ମୁଁ ଭାବିଲି ଯେ ମୁଁ ମୋର ସମସ୍ତ ଟଙ୍କା ହରାଇଲି।

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ

https://cms.rbi.org.in/

# ୧୭.ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା

ରାଜୁର ପିତା ବିଜୟ ତାଙ୍କ ଭାଇ ଅଜୟଙ୍କ ଘରକୁ ଆସିଛନ୍ତି ।

**ବିଜୟ:** "ଏତେ ଦିନ ପରେ ଦେଖା ! ମୋତେ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡିଲା, ତେଣୁ ମୁଁ ଭାବିଲି ଏଠି ଦେଖାକରି ଯିବା ଉଚିତ ହେବ ।"

**ଅଜୟ:** "ଖୁବ ଭଲ କଲେ । ଆସନ ଗ୍ରହଣ କର ।"

**ବିଜୟ:** "ତେବେ ତୁମେ କେମିତି ଅଛ" ?

**ଅଜୟ:** " ଭଲ ଅଛି । କିନ୍ତୁ ବୃଦ୍ଧାବସ୍ଥା ମୋତେ ପ୍ରତିବନ୍ଧିତ କରି ଦେଇଛି। ମୁଁ ବାହାରକୁ ଯାଉଛି କେବଳ କିଛି କିଣାବିକା କରିବା ପାଇଁ କିମ୍ବା ବ୍ୟାଙ୍କକୁ ।"



**ବିଜୟ:** "ବ୍ୟାଙ୍କ୍ ? ଆପଣଙ୍କ ବ୍ୟାଙ୍କ ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା!! ଯୋଗାଉ ନାହିଁ କି ?"

**ଅଜୟ:** "ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା !! ତାହା କ'ଣ ?"

**ବିଜୟ:** "ବରିଷ୍ଠ ନାଗରିକ କିମ୍ବା ଭିନ୍ନକ୍ଷମ କିମ୍ବା ଦୁର୍ବଳ ବ୍ୟକ୍ତିଙ୍କ ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ର ପୂରଣ ପାଇଁ ବ୍ୟାଙ୍କ୍‌ଗୁଡିକ ଗ୍ରାହକଙ୍କ ବାସଭବନରେ ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା ସୁବିଧା ପ୍ରଦାନ କରନ୍ତି।"









ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ।
ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ ।

# ୧୮. କାର୍ଡ୍ ଟୋକେନାଇଜେସନ୍

ରାଣୀ ଆଣ୍ଟି ଏକ ଗ୍ରୋସରୀ ଆପ୍‌ରେ ଅନଲାଇନ୍ ଅର୍ଡର୍ କରି ଅର୍ଥ ପୈଠ କରିବାକୁ ବସିଥିଲେ ।

ହଠାତ୍ ପେମେଣ୍ଟ୍ ପେଜରେ ରାଣୀ ଆଣ୍ଟି ଅଟକିଗଲେ ।









କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି, ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

# ୧୯. କାର୍ଡର ନିୟନ୍ତ୍ରଣ ଏବଂ ଏହାର ସୀମା

ଦିନେ ନାନୀ ସଂଜୁ ଙ୍କ ଘରକୁ ଆସିଛନ୍ତି।






**ଆଈ(ଆଶ୍ଚର୍ଯ୍ୟ):** ସତରେ ? କିନ୍ତୁ ଏହାକୁ କିପରି ସୀମିତ କରିହେବ ?

**ସଞ୍ଜୁ:** ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ବ୍ୟାଙ୍କ୍ ବିଭିନ୍ନ ମାଧ୍ୟମରେ ତୁମର କାର୍ଡର ବ୍ୟବହାର କରି ଚାଲିଥିବା ସମସ୍ତ ପ୍ରକାର କାରବାର ପାଇଁ ତୁମର ଆର୍ଥିକ କାରବାରର ସୀମା ଏବଂ ଅନ୍ୟ ସୁବିଧାଗୁଡ଼ିକ ଅନ୍ / ଅଫ୍‌ର ଆର୍ଥିକ କାରବାରର ସୀମା ସ୍ଥିର କରିବାର ସୁବିଧା ପ୍ରଦାନ କରିବା ଉଚିତ୍ ।



ଆଈ– ଓଃ ! ଏହା ଏକ ଭଲ ସୁରକ୍ଷା ଉପାୟ ।

**ସଞ୍ଜୁ:** ଅବଶ୍ୟ । ଯଦି ତୁମେ ଆନ୍ତର୍ଜାତୀୟ କିମ୍ବା ଇ-ବାଣିଜ୍ୟ କାରବାର କରୁନାହିଁ, ତେବେ ତୁମେ ଏହାକୁ ବନ୍ଦ କରିପାରିବ । ଯଦି ତୁମେ ଉଚ୍ଚ ମୂଲ୍ୟର ଯୋଗାଯୋଗହୀନ କାରବାର ସମ୍ବନ୍ଧରେ ନିଶ୍ଚିତ ନୁହଁ ତେବେ ତୁମେ ସେଥିପାଇଁ ପରିମାଣ ସୀମା ସ୍ଥିର କରିପାରିବ । ଏହା ସହଜ ଅଟେ ।

**ଆଈ:** ମୁଁ ବର୍ତ୍ତମାନ କାର୍ଡ କାରବାରର ସୀମା ସ୍ଥିର କରିବି ଏବଂ କାର୍ଡ ବ୍ୟବହାର କରିବା ଆରମ୍ଭ କରିବି ।



ଅଧିକ ଜାଣିବାକୁ ସ୍କାନ୍ କରନ୍ତୁ ।

ଯେ କୌଣସି ଅଦ୍ୟତନ ସୂଚନା ପାଇଁ https://rbi.org.in ପରିଦର୍ଶନ କରନ୍ତୁ ।

# ୨୦. ଏଟିଏମ୍ ପିନ୍‌ର ନିୟମିତ ପରିବର୍ତ୍ତନ

ଦିନେ ରାଜୁ ତାଙ୍କ ନୂଆ ଏଟିଏମ୍ କାର୍ଡର ସ୍ଥିତି ପଚାରି ବୁଝିବାକୁ ବ୍ୟାଙ୍କକୁ ଯାଆନ୍ତି।



**ବ୍ୟାଙ୍କର:** "ନା ! ଆପଣ କାର୍ଡ ପ୍ରାପ୍ତ କରିବା ମାତ୍ରେ ତୁରନ୍ତ ଡିଫଲ୍ଟ ପିନ୍ ପରିବର୍ତ୍ତନ କରିବା ଏବଂ ଏହାକୁ ସମୟ ସମୟରେ ପରିବର୍ତ୍ତନ କରିବା ଏକ ନିରାପଦ ଅଭ୍ୟାସ ଅଟେ । ଏହାବ୍ୟତୀତ ଏଟିଏମ୍, ମୋବାଇଲ ଆପ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଆଦି ଅନେକ ଚ୍ୟାନେଲ୍ ଜରିଆରେ ଆପଣ ପିନ୍ ପରିବର୍ତ୍ତନ କରିପାରିବେ।

ଆଉ ମଧ୍ୟ ସହଜ ଏବଂ ପୂର୍ବାନୁମାନ ଯୋଗ୍ୟ ପିନ୍ ଯେପରିକି ଆପଣଙ୍କ ଜନ୍ମ ତାରିଖ, ମୋବାଇଲ୍ ନମ୍ବର ଇତ୍ୟାଦି ସେଟ୍ କରିବା ଏବଂ ଯେକୌଣସି ସ୍ଥାନରେ ପିନ୍ ଲେଖିବାଠାରୁ ଦୂରେଇ ରୁହନ୍ତୁ।






**ରାଜୁ:** "ସତରେ ! ସୂଚନା ଏବଂ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ସାର୍ ।

ମୁଁ ନିୟମିତ ଭାବେ ପିନ୍ ପରିବର୍ତ୍ତନ କରିବା ସୁନିଶ୍ଚିତ କରିବି ଏବଂ ପିନ୍ ଲେଖିବା/ସେୟାର କରିବାରୁ ମଧ୍ୟ ଦୂରେଇ ରହିବି।

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ।
ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ ।

# ୨୧. ନାମାଙ୍କନ ସୁବିଧା

ରାଣୀ ଆଣ୍ଟି ତାଙ୍କ ପୁଅ ସହିତ ରାଜୁଙ୍କ ଘରକୁ ଯାଇ ବ୍ୟାଙ୍କରେ ନଗଦ ଟଙ୍କା ଏବଂ ଗହଣା ଜମା କରିବା ପାଇଁ ସାହାଯ୍ୟ ମାଗିଥିଲେ।






https://cms.rbi.org.in/

**ରାଜୁ:** "ସେଇଥିପାଇଁ ତ ତୁମର ଜଣେ ନୋମିନୀ  ରହିବା ଉଚିତ୍ ।
ନାମାଙ୍କନ ଅଭାବରୁ ମୃତ ବ୍ୟକ୍ତିଙ୍କ ଜମା ରାଶି ଦାବି କରିବା ପାଇଁ
ପରିବାରକୁ ଏକ ଲମ୍ବା ପ୍ରକ୍ରିୟା ଦେଇ ଯିବାକୁ ପଡ଼ିପାରେ।



**ରାଣୀ ଆଣ୍ଟି:** ଓହୋ!! ମୁଁ ଏହା
ବିଷୟରେ କେବେ ଚିନ୍ତା କରିନଥିଲି।

**ରାଜୁ:** "ଜଣେ ନୋମିନୀ
ରହିବା ଭଲ।



**ରାଣୀ ଆଣ୍ଟି:** "ମୁଁ କିପରି ନାମାଙ୍କନ କରିପାରିବି ? ମୁଁ ମୋ
ପୁଅକୁ ମନୋନୀତ କରିପାରିବି କି ?"

**ରାଜୁ:** "ସମସ୍ତ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନ ନାମାଙ୍କନ ସୁବିଧା
(ଅନଲାଇନ୍ / ଅଫଲାଇନ)  ପ୍ରଦାନ କରନ୍ତି । ମନୋନୀତ ବ୍ୟକ୍ତି
ଜଣକ ଆପଣଙ୍କର ପିତାମାତା, ଜୀବନସାଥୀ, ସନ୍ତାନ, ଭାଇଭଉଣୀ
ଇତ୍ୟାଦି ହୋଇପାରନ୍ତି ।

**ରାଣୀ ମାଉସୀ:** "ଧନ୍ୟବାଦ ରାଜୁ ! ମୁଁ ଆଜି ହିଁ ମୋର
ନାମାଙ୍କନ ବିବରଣୀ ଦାଖଲ କରିବାକୁ ଯାଉଛି।



ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ।
ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ ।

# ୨୨. ଲକର ଆବଣ୍ଟନ

କରଣ ଏକ ମାସର ଗ୍ରୀଷ୍ମ ଛୁଟି ପାଇଁ ଯୋଜନା କରିଛନ୍ତି। ମୂଲ୍ୟବାନ ଅଳଙ୍କାର ଘରେ ରଖିବା ନିରାପଦ ନୁହେଁ ବୋଲି ଅନୁଭବ କରି ସେ ଏହାକୁ ବ୍ୟାଙ୍କର ସୁରକ୍ଷିତ ଜମା ଲକରରେ ରଖିବାକୁ ସ୍ଥିର କରନ୍ତି । ତେଣୁ ସେ ଲକର ଆବଣ୍ଟନ ପାଇଁ ଏବିସି ବ୍ୟାଙ୍କ୍ର ନିକଟସ୍ଥ ଶାଖାକୁ ଯାଆନ୍ତି।




ସମ୍ପୂର୍ଣ୍ଣ ନିରାଶ ଅନୁଭବ କରି କରଣ ତାଙ୍କ ଘରକୁ ଚାଲିଗଲେ କିନ୍ତୁ ବାଟରେ ସେ ତାଙ୍କ ବନ୍ଧୁ ରାଜୁଙ୍କୁ ଭେଟିଲେ, ଯିଏ କରଣଙ୍କୁ ପଚାରିଲେ ଯେ ସେ କାହିଁକି ଦୁଃଖିତ ।



(କରଣ ଏହି କାହାଣୀ ରାଜୁଙ୍କୁ ବର୍ଣ୍ଣନା କରନ୍ତି)



**ରାଜୁ:** "ଲକର ଆବଣ୍ଟନ ପାଇଁ ବ୍ୟାଙ୍କ୍‌ଗୁଡ଼ିକ କୌଣସି ସର୍ତ୍ତ ରଖିପାରିବେ ନାହିଁ। ଏହାବ୍ୟତୀତ ଆବଣ୍ଟନ ସମୟରେ ବ୍ୟାଙ୍କ୍‌ଗୁଡ଼ିକ ଫିକ୍ସଡ ଡିପୋଜିଟ୍ (ଏଫଡି) ହାସଲ କରିପାରିବେ, ଯେଉଁଥିରେ ତିନି ବର୍ଷର ଭଡ଼ା ଏବଂ କୌଣସି ପରିସ୍ଥିତିରେ ଲକର ଭାଙ୍ଗିବା ପାଇଁ ଶୁଳ୍କ ଅନ୍ତର୍ଭୁକ୍ତ ହେବ।

**କରଣ:** "କିନ୍ତୁ, ଜଣେ ଆକାଉଣ୍ଟ ଧାରକଙ୍କ ପାଇଁ ମଧ୍ୟ ଲକର ପାଇବା ପାଇଁ ଏଫଡି ବାଧ୍ୟତାମୂଳକ କି?"



**ରାଜୁ:** "ନା! ଏହା ନୁହେଁ। ଏପରିକି ଆରବିଆଇର ସଦ୍ୟତମ ଗାଇଡଲାଇନ ଅନୁଯାୟୀ ମୋର ବର୍ତ୍ତମାନର ଲକର ଚୁକ୍ତିନାମା ନବୀକରଣ କରିବା ପାଇଁ ମୋତେ ବ୍ୟାଙ୍କ୍‌କୁ ଯିବାକୁ ପଡିବ । ବର୍ତ୍ତମାନର ଲକର ଚୁକ୍ତିକୁ ନବୀକରଣ କରିବାକୁ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

(କରଣ ସଙ୍ଗେ ସଙ୍ଗେ ଶାଖାକୁ ପୁନର୍ବାର ଯାଇ ଆରବିଆଇ ଗାଇଡଲାଇନ ଦେଖାଇଥିଲେ)



**ବ୍ୟାଙ୍କର:** "ଅସୁବିଧା ପାଇଁ ମୁଁ ପ୍ରକୃତରେ ଦୁଃଖିତ । ଦୟାକରି ଲକର ଆବଣ୍ଟନ ପାଇଁ ଆବେଦନ ଫର୍ମ ଦାଖଲ କରନ୍ତୁ।

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ।
ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ ।

# ୨୩. ମଇଳା ଓ ଚିରାଫଟା ନୋଟର ଅଦଳବଦଳ

ଦିନେ ରାଜୁର ମାଆ ଶାରଦା ଦୁଃଖରେ ବସିଥିଲେ ।









କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି, ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

## ୨୪. ଭାରତୀୟ ରିଜର୍ଭ ବ୍ୟାଙ୍କ ଯୋଗାଯୋଗ କେନ୍ଦ୍ରର ଟୋଲ୍ ଫ୍ରି ନମ୍ବର 14448

ଦିନେ ପଡୋଶୀ ଗାଁର ପାଞ୍ଚ ଜଣ ବ୍ୟକ୍ତି ବିଜୟଙ୍କୁ ଭେଟି ବ୍ୟାଙ୍କିଙ୍ଗ ପ୍ରସଙ୍ଗରେ ସେମାନଙ୍କ ସନ୍ଦେହ ସ୍ପଷ୍ଟ କରିଥିଲେ ।




**ବ୍ୟକ୍ତି 1:** "ବିଜୟ, ଏବିସି ଫାଇନାନ୍ସ କମ୍ପାନୀ ମୋ ବ୍ୟକ୍ତିଗତ ଋଣ ଉପରେ ଅଧିକ ସୁଧ ଆଦାୟ କରିଛି । କମ୍ପାନୀ ବିରୁଦ୍ଧରେ ଅନେକ ଅଭିଯୋଗ ସତ୍ତ୍ୱେ ଏହି ପ୍ରସଙ୍ଗରେ କୌଣସି ସକାରାତ୍ମକ ଫଳାଫଳ ମିଳିନାହିଁ । ଆଗକୁ କିପରି ଏ ବିଷୟରେ ଅଗ୍ରସର ହେବି ସେ ବିଷୟରେ ମୋର କୌଣସି ଧାରଣା ନାହିଁ । ମୁଁ ବର୍ତ୍ତମାନ କ'ଣ କରିବି ?"

**ବିଜୟ:** "14448" (ମୁହଁରେ ହସ ଫୁଟାଇ)



**ବ୍ୟକ୍ତି 2:** "ବିଜୟ, XYZ ବ୍ୟାଙ୍କ ମୋ ଟଙ୍କାକୁ ଏପର୍ଯ୍ୟନ୍ତ ଫେରସ୍ତ କରିନାହିଁ ଯାହା ତିନିମାସ ପୂର୍ବରୁ ଘଟିଥିବା ଏକ ବିଫଳ ଏଟିଏମ୍ କାରବାରରେ ଡେବିଟ୍ ହୋଇଥିଲା । ମୁଁ ଏକ ଲିଖିତ ଅଭିଯୋଗ କରିଛି ଏବଂ ଗ୍ରାହକ ସେବା କେନ୍ଦ୍ର ସହିତ ଅନେକ ଥର ଯୋଗାଯୋଗ କରିଛି । ତଥାପି ଅର୍ଥ ଫେରସ୍ତ ହୋଇ ନାହିଁ । ମୋର କଷ୍ଟ ଉପାର୍ଜିତ ଟଙ୍କା କିପରି ଫେରି ପାଇବି ସେ ବିଷୟରେ ତୁମେ ମୋତେ ମାର୍ଗଦର୍ଶନ କରିପାରିବ କି ?"

**ବିଜୟ:** "14448" (ପୁନର୍ବାର ତାଙ୍କ ମୁହଁରେ ହସ)

(ସେହିଭଳି, ଅବଶିଷ୍ଟ ସମସ୍ତ ଲୋକ ବ୍ୟାଙ୍କ ସହିତ କାରବାରରେ  ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଅଭିଯୋଗ କରିଥିଲେ। ବିଜୟ ସେହି ଏକ ସଂଖ୍ୟା, 14448 ପୁନରାବୃତ୍ତି କଲେ !!!! ସମସ୍ତ ଗ୍ରାମବାସୀ ବିଚଳିତ ହେଲେ। ବିଜୟ, ତଥାପି ଶାନ୍ତ ରହିଲେ। କିଛି ସମୟ ପରେ ବିଜୟ କହିବା ଆରମ୍ଭ କଲେ) :

"14448 ହେଉଛି ସିଏମ୍‌ଏସ୍, ଅର୍ଥାତ  ଭାରତୀୟ  ରିଜର୍ଭ ବ୍ୟାଙ୍କ ର ଅଭିଯୋଗ ପୋର୍ଟାଲ୍ ପାଇଁ ଏହାର କଣ୍ଟାକ୍ଟ ସେଣ୍ଟରର ଏକ ଟୋଲ୍ ଫ୍ରି ନମ୍ବର, ଯେଉଁଠାରେ ବ୍ୟାଙ୍କ୍/ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଇତ୍ୟାଦି ବିରୁଦ୍ଧରେ କିପରି ଅଭିଯୋଗ କରାଯିବ ସେ ସମ୍ବନ୍ଧରେ ମାର୍ଗଦର୍ଶନ କରାଯାଏ ।"



**ବ୍ୟକ୍ତି:** "ମୋତେ  ଭୟ ଲାଗୁଛି  ଯେ ମୁଁ ଇଂରାଜୀ କହିପାରିବି ନାହିଁ ।"



**ବିଜୟ:** "ବ୍ୟସ୍ତ ହୁଅନ୍ତୁ ନାହିଁ । ଭାରତୀୟ ରିଜର୍ଭ ବ୍ୟାଙ୍କର ଯୋଗାଯୋଗ କେନ୍ଦ୍ର ଇଂରାଜୀ ଏବଂ ହିନ୍ଦୀ ବ୍ୟତୀତ ଏକାଧିକ ଆଞ୍ଚଳିକ ଭାଷାରେ ମାର୍ଗଦର୍ଶନ ପ୍ରଦାନ କରେ । ଅନ୍ୟଥା, https://cms.rbi.org.in ପୋର୍ଟାଲରେ ଆପଣଙ୍କର ଅଭିଯୋଗ ପଞ୍ଜିକରଣ କରନ୍ତୁ ଏବଂ କୌଣସି ପ୍ରଶ୍ନ ଥିଲେ ଟୋଲ୍ ଫ୍ରି ନମ୍ବର 14448 ରୁ ମାର୍ଗଦର୍ଶନ  ଲାଭ କରନ୍ତୁ ।"

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ।
ଯଦି କୌଣସି ଅପଡେଟ୍ ଅଛି ତେବେ https://rbi.org.in/ ପରିଦର୍ଶନ କରନ୍ତୁ ।

# ୨୫ .ସିଏମଏସ୍ ପୋର୍ଟାଲରେ ଅଭିଯୋଗ ଦାଖଲ









କୌଣସି ଅପଡେଟ୍ ବାବଦରେ ଅଧିକ ଯଦି ଜାଣିବାକୁ ଚାହାନ୍ତି, ତାହା ହେଲେ ସ୍କାନ୍ କରନ୍ତୁ https://rbi.org.in/

भारतीय रिज़र्व बैंक

RESERVE BANK OF INDIA

ଉପଭୋକ୍ତା ଶିକ୍ଷଣ ଏବଂ ସଂରକ୍ଷଣ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ

https://cms.rbi.org.in/